ତହସିଲଦାରଙ୍କ କାର୍ଯ୍ୟାଳୟ, କୁଆଁରମୁଣ୍ଡା
**OFFICE OF THE TAHASILDAR PANPOSH AT KUARMUNDA**
**Dist. Sundargarh, State of Odisha**
Email id- tah.panp-od@nic.in , Ph. No.0661-2618307
ବିଜ୍ଞପ୍ତି ସଂ 1983 /ତା 7.12.2021

# (ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ)

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସାରଣୀରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟ (ସଇରାତ ଉତ୍ସ) ଗୁଡିକର ଆସନ୍ତା ୫ ବର୍ଷ (ପାଞ୍ଚ) ନିମନ୍ତେ ଲିଜ ପାଇଁ ତହସିଲଦାର କୁଆଁରମୁଣ୍ଡାଙ୍କ ଦ୍ବାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016 ର ଫାରମ –'ଡ' (Form –M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମୁଦଦିଆ ଲଫାପାରେ ତହସିଲଦାର କୁଆଁରମୁଣ୍ଡାଙ୍କ କାର୍ଯ୍ୟାଳୟରେ ଥିବା Tender Box ରେ ଆସନ୍ତା ତା 22.12.2021 ରିଖ ଠାରୁ ତା 23.12.2021 ରିଖ ଦିବା 12.00 ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ । ଧାର୍ଯ୍ୟ ତାରିଖ ର ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସୈରତ ଉତ୍ସର ନାମ ଲେଖିବା ଆବଶ୍ୟକ । ତା 23.12.2021ରିଖ ଦିବା 2.00 ଘଟିକା ସମୟରେ ଲିଜ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ 24.12.2021 ରିଖ(ଦିନ 2.00 ଘଟିକା ) ସମୟରେ ଅନୁଷ୍ଠିତ ହେବ ।

## ଆବଶ୍ୟକୀୟ ଦସ୍ତାବିଜ

1. ଦରଖାସ୍ତ ଫି ବାବଦକୁ ଟ ୧୦୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ ଦାଖଲ କରିବେ ( Head of Accounts - 0853- Non-Ferrous Mining and Metallurgical Industries -102- Mining Concession Fees, Rents and Royalties ) ।

2. ଦରଖାସ୍ତକାରୀଙ୍କ ନାମରେ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟ ପାଠ ।

3. ଆବେଦନକାରୀ ରୟାଲଟି (Royalty ) ଓ ଅତିରିକ୍ତ ଦେୟ (Additional Charge ) ବାବଦକୁ ବାର୍ଷିକ ଶତକଡ଼ା 5% ହାରରେ ସ୍ଥିରକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ସ୍ୱରୂପ Tahasildar, Panposh Kuarmunda ଙ୍କ ନାମରେ Demand Draft କରି ପଇଠ କରିବେ ।

4. ରାଜସ୍ବ ଅଧିକାରୀଙ୍କ ଦ୍ବାରା ପ୍ରଦତ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ଏବଂ solvency certificate(କେବଳ ରାଜସ୍ବ ଅଧିକାରୀଙ୍କ ଦ୍ବାରା ସ୍ବୀକୃତ ହୋଇଥିବା) କିମ୍ବା 18 ମାସ ପର୍ଯ୍ୟନ୍ତ ବୈଧ ଥିବା ବ୍ୟାଙ୍କ ଗ୍ୟାରେମ୍ଟି (Bank Guarantee ) ଯାହାର ମୂଲ୍ୟ ବାର୍ଷିକ ସ୍ଥିରୀକୃତ ହୋଇଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା Additional Charge ର ମୂଲ୍ୟଠାରୁ କମ୍ ହୋଉନଥିବ ଏବଂ ଦାଖଲ କରାଯାଇଥିବା solvency certificate ଟିକୁ ଦରଖାସ୍ତକାରୀ ନିଜଟ ଅତୀତରେ ପାଇଥିବା (ଜିତିଥିବା) ଅନ୍ୟ କୌଣସି ସୈରାତ ଲିଜ ପାଇଁ ବ୍ୟବହାର କରି ନ ଥିବେ ।

5. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ଦକ୍ଷତା, ଆର୍ଥିକ ସ୍ଥିତି ଯନ୍ତ୍ରପାତି ଇତ୍ୟାଦିର ବିବରଣୀ ଦାଖଲ କରିବେ ।
ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ (Www.sundargarh.nic.in ରେ ଉପଲବ୍ଧ ହେବ ।

ଲଘୁ ଖଣିଜାତ ସୈରାତ ଉତ୍ସର ବିବରଣୀ

| କ୍ର ନଂ | ସୈରାତ ଉତ୍ସର ନାମ | ସୈରତ ଉତ୍ସର ବିସ୍ତୃତ ବିବରଣୀ | | | | | | ସର୍ବ ନିମ୍ନ ପ୍ରତ୍ୟାଭୂତ ପରିମାଣର (minimum guaranteed quantity) ଲଘୁ ଖଣିଜାତ ଦ୍ରବ୍ୟ (ଘ.ମି ରେ) | ସର୍ବ ନିମ୍ନ ରୟାଲଟି ମୂଲ୍ୟ ପ୍ରତି ଘନ ମିଟର (ଟଙ୍କା ରେ) | ଘନ ମିଟରେ ପ୍ରତି ସର୍ବ ନିମ୍ନ ଅତିରିକ୍ତ ଦେୟ (minimum addl. Charge) ଟଙ୍କାରେ | ବଇନା ରାଶି (earnest money) ଟଙ୍କାରେ | କେଉଁ ବର୍ଷରୁ ନୂତନ ଲିଜ ଲାଗୁ ହେବ |
|---|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର ରେ) | ଲଘୁ ଖଣିଜ ପଦାର୍ଥର ନାମ | | | | | |
| 1 | ଯମୁନାନାକୀ ବାଲୁକା ଶଯ୍ୟା-1 | ଯମୁନାନାକୀ | 75 | 405/2 | ନଦୀ | 17.00 | ବାଲି | 15000.00 | 35.00 | 100.00 | 1,01,250/- | 2021-22 |
| 2 | କୁଆଁରମୁଣ୍ଡା ବାଲୁକା ଶଯ୍ୟା-1 | କୁଆଁରମୁଣ୍ଡା | 397 | 2876/P | ନଦୀ | 12.00 | ବାଲି | 16348.00 | 35.00 | 100.00 | 110349./- | 2021-22 |
| 3 | କୁଆଁରମୁଣ୍ଡା ବାଲୁକା ଶଯ୍ୟା-2 | କୁଆଁରମୁଣ୍ଡା | 397 | 2879/P | ନଦୀ | 8.00 | ବାଲି | 11.264.00 | 35.00 | 100.00 | 76032.00 | 2021-22 |
| 4 | ପଦ୍ମପୁର ବାଲୁକା ଶଯ୍ୟା-1 | ପଦ୍ମପୁର | 138 | 422/812/P | ନଦୀ | 23.60 | ବାଲି | 13003.6 | 35.00 | 100.00 | 87775.00 | 2021-22 |
| 5 | ଦୁମାଙ୍ଗଦିରି ପଥର ଖାଦାନ-1 | ଦୁମାଙ୍ଗଦିରି | 72 | 318/P | ଟୁଙ୍ଗୁରି | 8.00 | ପଥର | 9855.3 | 130.00 | 80.00 | 103481/- | 2021-22 |
| 6 | ଦୁମାଙ୍ଗଦିରି ପଥର ଖାଦାନ-2 | ଦୁମାଙ୍ଗଦିରି | 72 | 318/P | ଟୁଙ୍ଗୁରି | 1.30 | ପଥର | 3068.5 | 130.00 | 80.00 | 32220../- | 2021-22 |
| 7 | ଦୁମାଙ୍ଗଦିରି ପଥର ଖାଦାନ-3 | ଦୁମାଙ୍ଗଦିରି | 72 | 262 | ପାହାଡ଼ | 50.32 | ପଥର | 10004.00 | 130.00 | 100.00 | 115046/- | 2021-22 |
| 8 | ଦୁମାଙ୍ଗଦିରି ପଥର ଖାଦାନ-4 | ଦୁମାଙ୍ଗଦିରି | 72 | 663 | ଟୁଙ୍ଗୁରି | 33.25 | ପଥର | 10070.00 | 130.00 | 100.00 | 115805./- | 2021-22 |

## ସର୍ତ୍ତାବଳୀ

1. ଆବେଦନକାରୀ ମାନେ ଓଡ଼ିଶ ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -2016 ଓ (OMMC Rules -2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ (ସଂଶୋଧନ) 2017 (Odisha Minor Mineral Concession (Amendment )Rule 2016) ର ପରିସର ଭୁକ୍ତ ରହିବେ ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

2. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଲଘୁ ଖଣିଜ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ ।
3. ଲିଜ ପାଇବାପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।
4. ଲିଜ ପାଇଁ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
5. ବାଲି ଓ ପଥର ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନ ମିଟର ପ୍ରତି ଟ 35/- ଓ ଟ 130/- ଅଟେ ।

6. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ , ତେବେ ଲଟେରୀ (Draw of Lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
7. ଲିଜ ରେ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀକୁ ଲିଜ ଦିଆଯିବା ନିମନ୍ତେ ନିଲାମର 7 ଦିନ ମଧ୍ୟରେ ଜଣାଇ ଦିଆଯିବ । ଲିଜଧାରୀଙ୍କୁ ଜଣାଇବାର ପନ୍ଦର ଦିନ ମଧ୍ୟରେ ସେ ନିଜର ସ୍ୱୀକୃତି ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡାକ ଅନୁଯାୟୀ ରୟାଲଟି ଅତିରିକ୍ତ ଦେୟ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ (District Mineral Foundation) ନିମନ୍ତେ ଧାର୍ଯ୍ୟ ଅଂଶଦାନ ପାଇଁ ଦେବାକୁ ଥିବା ଆର୍ଥିକ ଦେୟ ହିସାବ କରାଯିବ ଓ ଏହି ସମସ୍ତ ଦେୟର 25 % ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି କୁ ବାଦ ଦେଇ ଅବଶିଷ୍ଟ ଅର୍ଥ ଜମା କରିବେ । ଏହି ଜମା କରୁଥିବା ଅର୍ଥ ସହ ପୂର୍ବରୁ ଦାଖଲ ହୋଇଥିବା ବଇନା ରାଶି (Earnest Money) ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଏହି ଅମାନତ ରାଶି ବିନା ସୁଧ (without Interest)ଭାବରେ ରଖାଯିବ । ଦରଖାସ୍ତ କାରୀ ନିଲାମ ଧାରୀ ରୟାଲଟି ସହ ଅଫର କରିଥିବା ଘନ ମିଟର ପ୍ରତି ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ସରକାରୀ ଦେୟ ଯେପରିକି ସରଫେସ ରେଣ୍ଟ , ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶିକୁ ଅଂଶ ଦାନ , ଆୟକର (TCS)ଇତ୍ୟାଦି ଲଘୁ ଖଣିଜାତ ଦ୍ରବ୍ୟ ରିହାତି ନିୟମ -2016 ଅନୁଯାଇ ଠିକ୍ ସମୟରେ ପଇଠ କରିବେ ।

8. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan ଏବଂ EC ବାବଦରେ ମୂଲ୍ୟ ପଇଠ କରିବାକୁ ହେବ । ଯଦି EC ପୂର୍ବରୁ ପ୍ରସ୍ତୁତ ହୋଇ ନ ଥିବ ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କ ପାଖରୁ ନିଜ ଖର୍ଚ୍ଚରେ ହାସଲ କରିବେ । ଏହା ସହିତ ଲିଜଧାରୀ ବିଜ୍ଞାପନ ଖର୍ଚ୍ଚ ବହନ କରିବେ ।
9. ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
10. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶିଠାରୁ ଅତି କମ୍ ହୋଇଥାଏ ତେବେ ଲିଜ ପ୍ରକିୟାକୁ ରଦ୍ଦ କାରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।
11. ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରିତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।
12. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି କିମ୍ବା ବିଜ୍ଞାପନରେ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
13. ଲିଜଧାରୀ ପ୍ରତି ବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା Surface Rent, Dead Rent ଓ Royalty ପଇଠ କରିବେ ।
14. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation(DMF)ବାବଦକୁ 10 % ଏବଂ Environmental Management Fund (EMF) ବାବଦକୁ 5 % ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ।
15. ନିଲାମଧାରୀ ଓ OMMC Rule ,2016 ରେ ନିୟମ 33(1-29) ର ସମସ୍ତ ସର୍ତ୍ତାବଳୀ ମାନିବାପାଇଁ ବାଧ୍ୟ ହେବେ ।

16. ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2 % ଆୟକର( TCS)ବାବଦକୁ ଜମା କରିବେ ।
17. ଲିଜଧାରୀ Mines Act.1952 ଏବଂ Explosive Act.1884 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।
18. ସର୍ବୋଚ୍ଚ ନିଲାମଧାରୀ ସୈରତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକ ମଞ୍ଜୁରୀ (Consent to Operate) ରାଜ୍ୟ ପ୍ରଦୁଷଣ ବୋର୍ଡ଼ରୁ (State Pollution Control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।
19. ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବାପରେ ସେ ଫର୍ମ- ଏନ (Form-N) ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration (Registration Act.1908 & Stamp Act.1899 ଅନୁଯାୟୀ ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ଦେୟ ପଇଠ କରିବେ ।
20. ସୂଚନା ଫଂଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏହଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଲିଜଧାରୀ ସୈରାତ ଉତ୍ସର ସୀମା ଚିହ୍ନ କୁ ବଜାୟ ରଖିବେ ଓ ସ୍ତମ୍ଭ ନିର୍ମାଣ ମଧ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।
21. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।
22. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।
23. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର ପାନପୋଷ
କୁଆଁରମୁଣ୍ଡା

ଜ୍ଞାପକ ସଂଖ୍ୟା 1984 /ତା 7.12.2021

ଏହାର ଏକକିତା ନକଲ ଓ ଫାରମ –'ଡ' (Form –M) ର କପି ସହ ତହସିଲଦାର , କୁଆଁରମୁଣ୍ଡା/ ଜିଲ୍ଲାପାଳ, ସୁନ୍ଦରଗଡ଼/ଅତିରିକ୍ତ ଜିଲ୍ଲାପାଳ,ରାଉରକେଲା/ଉପ- ଜିଲ୍ଲାପାଳ,ପାନପୋଷ/ କୁଆଁରମୁଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ/ କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ସଂପୃକ୍ତ ମୌଜାରେ ସର୍ବସାଧାରଣଙ୍କ ର ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ପାନପୋଷ
କୁଆଁରମୁଣ୍ଡା

ଜ୍ଞାପକ ସଂଖ୍ୟା 1985 /ତା 7.12.2021

ଏହାର ଏକକିତା ନକଲ ଓ ଫାରମ –ଡ (Form-M) ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ସୁନ୍ଦରଗଡ଼ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉଅଛିକି ଏହି ବିଜ୍ଞପ୍ତିକୁ ସେ ଜିଲ୍ଲା ୱେବସାଇଟରେ (www.sundargarh.nic.in) ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

ସୁରେଶ କୁମାର ସାହୁ
୭/୧୨/୨୦୨୧
ତହସିଲଦାର ପାନପୋଷ
କୁଆଁରମୁଣ୍ଡା

ଜ୍ଞାପକ ସଂଖ୍ୟା 1986 /ତା 7.12.2021

Copy submitted to the Deputy Director (advertisement) information & Public Relation Department Odisha, Bhubaneswar through the E-mail address in (ipr.advt@gmail.com) with a request to publish in two daily newspapers, at least one of which state level and other having wide publicity in the area where quarry is located.

ସୁରେଶ କୁମାର ସାହୁ
୭/୧୨/୨୦୨୧
ତହସିଲଦାର ପାନପୋଷ
କୁଆଁରମୁଣ୍ଡା

# FORM – M
## Application for grant of Quarry Lease
[*See* rule 27(4)]

To

…………………………………………………………………………………………………………

Dated the 20

Sir,

1. I/We submit an application for a quarry lease for…………..(mineral) for a term of ……………….. years over…………hectares of land in the area specified in the *Annexure* given below:-
2. A sum of Rs………. payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20…….. has been paid in the Government Treasury at…………and a receipted challan bearing No………. dated…….is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant………………………………………………
   (ii) Nationality of the applicant…………………………………………………….
   (iii) Profession of the applicant…………………………………………………….
   (iv) Particulars of the areas, mineral wise, within the State for which the applicant or any person having joint interest with him……………………………………………
      a) Already holds a quarry lease……………………………………………
      b) Has already applied for a quarry lease but not granted ………………………
      c) Being applied for simultaneously……………………………………….
      d) Nature of joint interest, if any…………………………………………
   (v) Means by which the minor minerals is/are to be raised, i.e. whether manual or mechanical.......................
   (vi) Manner in which the minor mineral raised to be utilized-
      (a) For manufacture.........................
      (b) For sale......................................
      (c) Any other purpose......................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.